# କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଯୁବ, ବାଳ ପୁରସ୍କାର





ଭୁବନେଶ୍ୱର, ୧୮ ।୬ (ସବ୍ୟୁ) : କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଯୁବ ଓ ବାଳ ସାହିତ୍ୟ ପୁରସ୍କାର ଘୋଷଣା କରାଯାଇଛି । ଲେଖକ ସୁବ୍ରତ ସେନାପତିଙ୍କୁ ଯୁବ ପୁରସ୍କାର ଓ ରାଜକିଶୋର ପାଢୀଙ୍କୁ ବାଳ ସାହିତ୍ୟ ପୁରସ୍କାର ପ୍ରଦାନ କରାଯିବ । ଉଭୟଙ୍କୁ ପୁରସ୍କାର ବାବଦରେ ୫୦ ହଜାର ଟଙ୍କା ପ୍ରଦାନ କରାଯିବ । ସୁବ୍ରତ ସେନାପତିଙ୍କୁ କଦମ୍ବବନ ପୁସ୍ତକ ଓ ରାଜକିଶୋର (୯ ପୃଷ୍ଠାରେ)

## କେନ୍ଦ୍ର...

ପାଢୀଙ୍କୁ କେତେ ଫୁଲ ଫୁଟିଛି ପୁସ୍ତକ ଲାଗି ଏହି ମର୍ଯ୍ୟାଦା ଜନକ ପୁରସ୍କାର ପ୍ରଦାନ କରାଯାଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଭୟ ପୁରସ୍କାର ବିଜେତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ସୋସିଆଲ୍ ମିଡିଆରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ଏହି ସଫଳତା କେବଳ ଆପଣମାନଙ୍କର ବ୍ୟକ୍ତିଗତ ସଫଳତା ନୁହେଁ । ଓଡିଆ ଭାଷା ଓ ସାହିତ୍ୟ ପାଇଁ ମଧ୍ୟ ଗର୍ବ ଓ ଗୌରବ ବିଷୟ। ଆଗାମୀ ଦିନରେ ନିଜ ସୃଷ୍ଟି ଦ୍ୱାରା ଓଡିଆ ସାହିତ୍ୟ ଭଣ୍ଡାରକୁ ଆହୁରି ସମୃଦ୍ଧ କରନ୍ତୁ ବୋଲି ଶ୍ରୀ ମାଝି ଦର୍ଶାଇଛନ୍ତି ।